# ମୁଁ ଯେ ରେଙ୍ଗୁନରୁ ଫେରିଲି !

ଦିବସର ଶେଷ ଜୀବନରେ ସନ୍ଧ୍ୟା ଯେତେବେଳେ ଆସି ନନ୍ଦପୁରର ଶ୍ୟାମଳ ସୁନ୍ଦର ତରୁକୁଞ୍ଜମୟ ଗିରି ପ୍ରଦେଶରେ ଦେଖାଗଲା, ସହଦେବ ସେତେବେଳେକୁ ବାଟର ବାଟୋଇ – ଘରେ ଆସି ପହଞ୍ଚି ନାହିଁ ।

ପଲ୍ଲୀର ସନ୍ଧ୍ୟା । ତାହା ଶୁଣିବାର ନୁହେଁ; ଦେଖିବା କଥା । ଦୂର ପାହାଡ଼ର ଶିଖରଦେଶରୁ ଆରମ୍ଭ କରି ଏଣେ ପାଦତଳର କ୍ଷୁଦ୍ର ଘାସଟି ପର୍ଯ୍ୟନ୍ତ ବିରାଟ ପ୍ରକୃତି କନକ-ଜଳରେ ଗାଧୋଇଲା ପରି ଦେଖାଯାଉଥାଏ । ଖଣ୍ଡେ ଖଣ୍ଡେ ମେଘ କେବେ କେବେ ଗୋଠଛଡ଼ା, ଦଳଛଡ଼ା, ବାସଫେରନ୍ତା କୁଆ, ବଣି ପକ୍ଷୀ ପରି ଆକାଶର ଏ ପାଖେ ସେ ପାଖେ ସେହି କନକସ୍ରୋତରେ ଭାସୁଥାନ୍ତି । ଗଗନରେ ଚହଳ, ଧରଣୀରେ ଉତ୍ସବ – ଏ ସବୁ ପାର ହୋଇ ବାଟୋଇ ସହଦେବର ଅନ୍ତର ଭିତରେ କି ଏକ ମହୋତ୍ସବ ରଚନା ଚାଲିଥିଲା ।

ଖାଲି ଏତିକି ନୁହେଁ, ପଲ୍ଲୀର ପୋଖରୀକୂଳରେ ପଲ୍ଲୀବାସିନୀ ବାଳିକାଦଳ କେତେ ରଙ୍ଗର କେତେ ଫୁଲ ତୋଳି, କେତେ ହସ, କେତେ ବେଶ ଫୁଟେଇ ଫୁଟେଇ, କାହା ଭୟରେ କାହା ଲୟରେ ତର- ତର ହୋଇ ଚାଲିଥାନ୍ତି; ମାତ୍ର ସହଦେବ ସେହି ପୋଖରୀହୁଡ଼ା, ସେ ବାଳିକାମେଳା, ସେ ଶୋଭାର ଭେଳା କିଛି ନ ଦେଖି, ଦେଖୁଥାଏ ଆଉ ଗୋଟିଏ ଛବି । ସେ ଛବି ଠିକ୍ ଦୁଇଟି ଆଖି ଓ ଗୋଟିଏ ମୁହଁ...।

ସନ୍ଧ୍ୟା ଯାଇ ଅନ୍ଧକାର ଆସୁଛି; ମାତ୍ର ସହଦେବ ହୃଦୟରୁ ଅନ୍ଧକାର ଯାଇ ଆଲୋକ ଆସୁଛି । ପଶ୍ଚିମର କନକ କିରଣ, ଆକାଶର ମେଘ, ଧରଣୀର ବାଳିକା, କାହା ପ୍ରତି ତାର ଦୃଷ୍ଟି ନାହିଁ – ଅଛି ତାର ଗାଁ ଭିତରେ ଗୋଟିଏ ବଖରା ଘର, ତା' ରି ଭିତରେ ଦୁଇଟି ପାଦ, ଦୁଇଟି ଆଖି, ଦୁଇଟି କମ୍ପିତ କର, ଗୋଟିଏ ଉଦ୍‌ବିଗ୍ନ ହୃଦୟ ।

ସଂସାରର ଠିକ୍ ଏହିପରି ଏକ ସମୟରେ ସହଦେବ ତରତରରେ ପାଦ ଚାଲି ନନ୍ଦପୁରର ସରବରାକାରଙ୍କ ପଡ଼ିଶାଘରେ ଯାଇ ପହଞ୍ଚିଲା । ସେତେବେଳେକୁ ସରବରାକାର ବାବୁ ତାଙ୍କର ତୃତୀୟ କିସ୍ତି ଅସୁଲ ପାଇଁ ସାତଟା ବସ୍ତାନି ବିଡ଼ା ଧରି ପିଣ୍ଡାରେ ବସି ସାରିଥିଲେ । ପିତଳ ଦୀପଟାରେ କାଣ୍ଟି ଜଡ଼ାତେଲ ପଶି ଦେଢ଼ଇଞ୍ଚ ଉଚ୍ଚରେ ଶିଖା ଟେକି ବତି ଜଳୁଥିଲା । ସେହି ଆଲୋକରେ ତାଙ୍କରି ଚିକ୍‌କଣ ଅନ୍ତଲ ପେଟଟା ଯାହା କିଛି ବାରିହେଉଥିଲା । ଖାରୁଆ କନାର ବସ୍ତାନିଗୁଡ଼ାକ ପ୍ରଜାଙ୍କର ଖଜଣା ଭାର ବହି ବହି ନିର୍ଜୀବ ବେଶରେ ମୁଦା ହୋଇ ପଡ଼ିରହିଥିଲା ।

ସହଦେବ ଆଗ ସେହି ପରିଚିତ ବସ୍ତାନି ବିଡ଼ା ଦେଖି ଚମକି ପଡ଼ିଲା । ସେହି ନଥିବିଡ଼ା ଭିତରୁ କି ଦାରୁଣ ଅଭିଶାପ ବାହାରି ଯେ ତାକୁ ଏତେକାଳ ପ୍ରବାସୀ କରି ରଖିଥିଲା, କେବଳ ସେ' ହିଁ ଜାଣେ । ସେହି ନଥିବିଡ଼ା ଭିତରେ ଦିନେ ଯେ ତାର ସକଳ ଭାଗ୍ୟଡୋରି ବନ୍ଧାଥିଲା, ବାହାର-ଜଗତ ତାହା ଜାଣେ ନାହିଁ । ତାହାରି ଲାଗି ସେ ମାଣେ ବିଲ ବିକି, ଦୁଇଟା ଦୁଧିଆଳୀ ଗାଈ ବନ୍ଧା ଦେଇ ତେବେବେ ମଧ୍ୟ ଥୟ ଧରି ପାରିଲା ନାହିଁ । ଯେବେ ସେ ରେଙ୍ଗୁନ ଯାଇ ମାସକୁ ଦଶ ଟଙ୍କା କରି ପାଞ୍ଚ ବରଷ ଶୁଝି ନ ଥାନ୍ତା, ପୁରୀ ଜେଲ୍‌ହିଁ ତାର ହୋଇଥାନ୍ତା ଘର ।

ସହଦେବ ସେହି ରୁମଲୁଚା ଅନ୍ଧାର ଭିତରେ ଚମକି ପଡ଼ି ତରତରରେ ଘର ଭିତରକୁ ପଶିଗଲା । ଦୀର୍ଘ ପାଞ୍ଚବର୍ଷ ହେଲା ରେଙ୍ଗୁନରେ ଥାଇ ଫେରିଲାବେଳେ ସେ କିପରି ଭାବରେ ଘରକୁ ଆସିବ, ଏ ବିଷୟରେ ସେ ଗତ କେତେ ଦିନ, କେତେ ରାତି ଯେ ଭାବିଥିଲା, ଠିକ୍ ନାହିଁ । ହାତରେ ବୁଜୁଳା ଧରିବ, କି କାନ୍ଧରେ ବୁଜୁଳା ଧରିବ; ଏ ଆଗ କଥା କହିବ, କି ସେ ଆଗ

କଥା କହିବ; ଯାଇ ଠିଆହେବ, କି ବସିପଡ଼ିବ – ଏ ସବୁ ବିଷୟରେ ତା' ର କଳ୍ପନାର ସୀମା ନ ଥିଲା; ମାତ୍ର ଘର ଭିତରକୁ ପଶିଲାବେଳକୁ ସେସବୁ କଥା ରକ୍ଷା କରିବାପାଇଁ ବେଳ ଅଣ୍ଟିଲା ନାହିଁ । ପଶିଯାଇ ସେ ଏକ ଦୀର୍ଘନିଶ୍ୱାସ ଛାଡ଼ିଦେଲା ।

ଫୁଟିଲା ମଲ୍ଲିଫୁଲ ଉପରେ ଭଅଁର ବସିଲା ପରି ଆଖି ଦୁଇଟିକୁ ଆନନ୍ଦରେ ଫୁଟାଇ ରଖି ଯଶୋଦା ଏକ ବିଚିତ୍ର ଭାବ ଦେଖାଇଲା । ସେହି ଖୋଲାଡ଼ୋଳା ଦୁଇଟାକୁ ଏକଲୟରେ ସ୍ଥିର ରଖି ସେ ସହଦେବ ମୁହଁକୁ କେବଳ ଚାହିଁରହିଲା । କି ଭାବରେ ତାକୁ ସେ ଅଭ୍ୟର୍ଥନା କରିବ, କିଛି ସ୍ଥିର କରି ପାରିଲା ନାହିଁ । ଏଡ଼େବେଗେ ଏପରି ଭାବରେ ଯେ ସହଦେବ ଆସି ହାଜର ହୋଇଯିବ, ଏ କଥା ତା' କଳ୍ପନାର ଶତଲକ୍ଷ ଯୋଜନ ଦୂରରେ ଥିଲା ।

ଯଶୋଦା – ସହଦେବର ସେହି କଳ୍ପନାମୟୀ । ଦେହରେ ତାର ଅଳଙ୍କାର ନାହିଁ, ଆଖିରେ ତାର ଲୁହ ନାହିଁ, ଅଧରରେ ତାର ହାସ୍ୟରେଖା ସୁଦ୍ଧା ନାହିଁ । ଏ କ' ଣ କୈଳାସନାଥଙ୍କ ଲକ୍ଷ୍ୟରେ ତପୋରତା ମୂର୍ତ୍ତି ! ଆଗରେ ଯଶୋଦାର ଏ ବେଶ ଦେଖି ସହଦେବର ଆଉ ଧୈର୍ଯ୍ୟ ରହିଲା ନାହିଁ । ତାର ସକଳ କଳ୍ପନା ପାଣି ହୋଇଗଲା । ଯେଉଁ ବାହୁ ଦୁଇଟା ଆଲିଙ୍ଗନ ପାଇଁ ପାଞ୍ଚବର୍ଷ ହେଲା ବ୍ୟଗ୍ର ଥିଲା, ତାହା କୋହଳ ହୋଇଗଲା । ଭାବନା ଜଡ଼ ହୋଇ ହୃଦୟର କେଉଁ କୋଣରେ ଜମାଟ ବାନ୍ଧି ରହିଗଲା । କେବଳ କାଠ ପିତୁଳା ପରି ସେ ଦଦରା କାନ୍ଥଟାକୁ ଆଉଜି ପଡ଼ିଲା ।

ମାତ୍ର ଯଶୋଦା – ତପୋରତା ପାର୍ବତୀ ସେ । ସେତେବେଳେ ତାର ଆନନ୍ଦର ସୀମା ନାହିଁ ? ଦେଖୁ ଦେଖୁ ଆଖି ଓଦା ହୋଇ ଆସିଲା, କଣ୍ଠ ଥରିଲା । କ' ଣ କହିବ, କହିପାରିଲା ନାହିଁ । କେଡ଼େ ଦୁଃଖର ତୁଷାରଗିରି ତରଳିଗଲା ସତେ !

ଏ ସବୁ ଦେଖି ସହଦେବ କିନ୍ତୁ ପାପଚିନ୍ତାରେ ବୁଡ଼ିଲା । କ୍ଷୀଣ ଛାୟା ପରି ମନରେ ତା' ର ଭାବନା ଖେଳିଲା, 'ବିଧବା ହୋଇପଡ଼ିଲା ! ମୋତେ ସତେ ଭୁଲିଗଲା ...।' ପଚାରିଲା –

ଯଶୋଦା ..."

ଲୁହ ଢଳଢଳ ଆଖିରେ ଯଶୋଦା ଖାଲି ଚାହିଁରହିଲା ।

–"ଶେଷକୁ ଏ' ୟା ହେବାକୁ ଥିଲା ..."

ଯଶୋଦା କହିଲା – "ହଁ, ଆଗ ଗୋଡ଼ଖଡୁଯାକ କାଢ଼ିଲି ..."

ପାଞ୍ଚବର୍ଷ ପରେ ପରିଚିତା ମୁହଁରୁ ଏ ପ୍ରଥମ କଥା । ସହଦେବ ଚମକିଲା ପରି ହୋଇ ପଚାରିଲା – "ଆଗ ! ତା' ପରେ ?"

–"ତା' ପରେ ହାତରୁ, ନାକରୁ; କାନରୁ କାଢ଼ିଥିବି । ଆଜି ତ ମଥାମଣିଟି କାଢ଼ିଛି ..."

ସହଦେବ ଆଉ ଧୈର୍ଯ୍ୟ ଧରି ପାରିଲା ନାହିଁ । ପଚାରିଦେଲା – "ତାହା ହେଲେ ଶୁଦ୍ଧଘର ... ?" ଯଶୋଦା କିଛି ବୁଝିପାରିଲା ନାହିଁ ।

– "ଶୁଦ୍ଧଘର କିମିତି କରିବୁ ବୋଲି ଭାବିଥିଲୁ ?"

ଯଶୋଦାର ମୁହଁରୁ ପାଣି ମରିଗଲା । ସେ ଆତୁରରେ ଧଇଲା ପରି ସହଦେବର ହାତକୁ ଧରି ପକାଇଲା – "କେଡ଼େ କଥା କହିଲ ସତେ, କେଡ଼େ କଥା କହିଲ !"

ଦୁହେଁ ଅନେକ ସମୟ ନୀରବ ।

ତା' ପରେ ଯେତେବେଳେ କଥା ଆରମ୍ଭ ହେଲା ସହଦେବ ବୁଝିଲା – ସାମାନ୍ୟ କେତୋଟି ଟଙ୍କା ଚକ୍ରବୃଦ୍ଧି ହିସାବରେ ସୁଧମୂଳ କଷି ସରବରାକାର ତା ଉପରେ ଯେ ଭାର ଲଦିଥିଲା, ତା ଶୁଝିବା ଲାଗି ସେ ରେଙ୍ଗୁନଠାରୁ ମାସକୁ ମାସ

ଦଶଟଙ୍କା କରି ପଠାଇଛି । ଦଶଟଙ୍କା ଲେଖାଁଏ ପାଇଲା ବାଦ୍ ଆଉ ଅଧିକା ଦୁଇ ଟଙ୍କା କରି ଶୁଝିଲେ ପାଞ୍ଚବରଷରେ ଶୁଝି ପାଇବ ବୋଲି ଯଶୋଦା ଭୁଲ ହିସାବରେ ଦେହର ଅଳଙ୍କାରପତ୍ର ବିକି ଶୁଝିଆସିଛି । ସରବରାକାର ମଧ୍ୟ ଆଗ୍ରହରେ ତାହା ଗ୍ରହଣ କରି ଆସିଛନ୍ତି ।

ଟଙ୍କା ଶୁଝି, ବିଧବା ବେଶ ପିନ୍ଧି ଯଶୋଦା ଯେ ଏତେ କାଳ ବାଟ ଚାହିଁ ରହିଥିଲା, ଏ କଥା ବୁଝିପାରି ସହଦେବର ବୁକୁ ଭିତରଟା ପୁଲକି ଉଠିଲା ! ସେହି ବିଧବା ବେଶ ତାକୁ ଆହୁରି ସୁନ୍ଦର ଦେଖାଗଲା । ନିରାଭରଣା ଯଶୋଦାକୁ ସେ କୋଳରେ ଜାକିଧରି, ଲୁହ ଢଳଢଳ ଆଖିରେ ସରବରାକାରଙ୍କ ଘର ଆଡ଼କୁ ଚାହିଁ କହିଲା- "ମୁଁ ଯେ ରେଙ୍ଗୁନରୁ ଫେରିଲି ...! ତୋ' ରି ପାଇଁ ଫେରିଲି, ଯଶୋଦା ।"

ସହଦେବର କଥା କଣ୍ଠ ପାଖେ ଅଟକି ଗଲା । ଯଶୋଦା ସହଦେବର ମୁହଁ ପାଖେ ମୁହଁ ରଖି ଉତ୍ତର ଦେଲା - "ହଁ, କେବଳ ତୁମରି ପାଇଁ ମୁଁ ଏ ଅଳଙ୍କାରପତ୍ର ବିକିଛି ସିନା !"